ପ୍ରେସ ନୋଟ୍

# କର୍ମଚାରୀଙ୍କ ବିୟୋଗରେ ଶୋକ ସଭା ।

ଅନୁଗୋଳ,୧୯.୫ :- ଜିଲ୍ଲା କାର୍ଯ୍ୟାଳୟ୍ର ରାଜସ୍ୱ ଉପ-ବିଭାଗରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟରତ ଅଞ୍ଜନ କୁମାର ଗଡନାୟକଙ୍କର ଆଜି ସକାଳ ୯ ଘଟିକା ସମୟ୍ରେ ଭୁବନେଶ୍ୱର ସ୍ଥିତ କିମସ୍ ହସ୍‌ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ତାଂକର ଏହି ଅକାଳ ବିୟୋଗରେ ଜିଲ୍ଲା କାର୍ଯ୍ୟାଳୟ୍ର କର୍ମଚାରୀମାନଂକୁ ନେଇ ଏକ ଶୋକ ସଭା ଜିଲ୍ଲା କାର୍ଯ୍ୟାଳୟ୍ ବାରଣ୍ଡାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସ୍ୱର୍ଗତ ଗଡନାୟକଂକୁ ଜଣେ ମେଳାପି,କର୍ମଠ ଓ ପରୋପକାରୀ ବ୍ୟକ୍ତି ଭାବେ ଅଭିହିତ କରିବା ସହ ସେ ତାଂକର ଦାୟିତ୍ୱ ସୂଚାରୁରୁପେ ତୁଲାଉଥିଲେ ବୋଲି ପ୍ରକାଶ କରିଥିଲେ । ଜିଲ୍ଲାପାଳ ସ୍ୱର୍ଗତ ଗଡନାୟକଂକ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ତାଂକର ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ ଆର୍ଥିକ ରାଶି ପ୍ରଦାନ କରିଛନ୍ତି । ଏହି ଅବସରରେ ଦିବ୍ୟଂଗତ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ମୃତ୍ୟୁ ବେଳକୁ ତାଂକୁ ୫୬ ବର୍ଷ ବୟସ ହୋଇଥିଲା । ତାଂକର ମୃତ୍ୟୁ ସମୟ୍ରେ ସହଧର୍ମୀଣୀ,ପୁଅ ଓ ଝିଅ ଉପସ୍ଥିତ ଥିଲେ । ସ୍ୱର୍ଗତ ଗଡନାୟକ ଗତ ସପ୍ତାହ ଠାରୁ ଅସୁସ୍ଥ ହୋଇ କିମସ୍ ହସପିଟାଲରେ ଚିକିତ୍ସାଧିନ ଥିଲେ । ଏହି ଶୋକ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍‌ଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ୍ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୪୮ ତା.୧୯.୫.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।



